Z80000048

# ODIA

## (Second Language)

*Maximum Marks : 80*

***Time Allowed : Three Hours***

1. *Answers to this Paper must be written on the paper provided separately.*
2. *You will **not** be allowed to write during the first **15** minutes.*
3. *This time is to be spent in reading the question paper.*
4. ***The time given at the head of this Paper is the time allowed for writing the answers.***

5. *This paper comprises two Sections; **Section A** and **Section B.***
6. *Attempt **all** the questions from **Section** A.*
7. *Attempt **four** questions from **Section B**, answering at least **one** question each from the **two** books you have studied and **any two** other questions from the same books that you have compulsorily chosen.*
8. *The intended marks for questions or parts of questions are given in brackets [ ].*

***Instruction for the Supervising Examiner***

*Kindly read aloud the instructions given above to all the candidates present in the Examination Hall.*

**This Paper consists of 12 printed pages.**



Downloaded From www.icseboard.org

## SECTION—A (40 Marks)

*Attempt **all** questions from this Section.*

**Question 1**

Write a short composition in **Odia** of approximately **250** words on any **one** of the following topics :— [15]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି **ଗୋଟିଏ** ବିଷୟରେ ପ୍ରାୟ **୨୫୦** ଶବ୍ଦ ମଧ୍ୟରେ ରଚନାଟିଏ ଲେଖ :—

(i) ପର୍ଯ୍ୟଟନର ଉପକାରିତା ।

(ii) ତୁମ ଅଞ୍ଚଳର କୌଣସି ଏକ ବିଶିଷ୍ଟ ପର୍ବ ।

(iii) ଛାତ୍ର ଜୀବନ ଶ୍ରେଷ୍ଠ ଜୀବନ ।

(iv) **ଧୀର ପାଣି ପଥର କାଟେ** - ଉକ୍ତ ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(v) ସଂଲଗ୍ନ ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ ଏବଂ ଏହା ତୁମକୁ ଯାହା ସୂଚାଇ ଦେଉଛି ତାହା ଉଲ୍ଲେଖ କର ।



Downloaded From www.icseboard.org

## Question 2

Write a letter in **Odia** of approximately **120** words on any **one** of the topics given below :— [7]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି **ଗୋଟିଏ** ବିଷୟରେ ପ୍ରାୟ **୧୨୦**ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ :—

(i) ଯୋଗ ଶିକ୍ଷା ବିଷୟରେ ଗୁରୁତ୍ୱ ଦର୍ଶାଇ ସେଥିରେ ଯୋଗଦେବାପାଇଁ ସାନଭାଇ ନିକଟକୁ ପତ୍ର ଲେଖ ।

(ii) ବିଦ୍ୟାଳୟରେ କ୍ୟାଣ୍ଟିନ୍‌ଟିଏ ଖୋଲିବା ପାଇଁ ଅନୁରୋଧ କରି ପ୍ରଧାନ ଶିକ୍ଷକଙ୍କ ନିକଟକୁ ପତ୍ରଟିଏ ଲେଖ ।

## Question 3

Read the passage given below and answer in **Odia** the questions that follow, using your own words as far as possible :—

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆ ରେ ଲେଖ । ଉତ୍ତରଗୁଡ଼ିକ ଯଥାସମ୍ଭବ ନିଜ ଶବ୍ଦରେ ହେବା ଉଚିତ :—

ଆମ ଓଡ଼ିଶା ଭୂମିର ସଂସ୍କୃତି ବହୁ ପ୍ରାଚୀନ କାଳର । ମହାଭାରତ ଯୁଗରେ ମଧ୍ୟ ଏଠାରେ ଉନ୍ନତ ସଂସ୍କୃତି ଗଢ଼ି ଉଠିଥିଲା । ସେତେବେଳେ ଏ ଭୂମିର ନାମ ଥିଲା କଳିଙ୍ଗ । ଗୌତମ ବୁଦ୍ଧଙ୍କ ସମୟରେ କଳିଙ୍ଗ ସ୍ଥଳପଥରେ ବାଣିଜ୍ୟ କାରବାର ନିମନ୍ତେ ଖ୍ୟାତି ଅର୍ଜନ କରିଥିଲା । କଳିଙ୍ଗର ଜଣେ ବଣିକ ବୁଦ୍ଧଙ୍କ ବାଣୀରେ ମୁଗ୍ଧ ହୋଇ ତାଙ୍କୁ ଏକ ମୂଲ୍ୟବାନ ପଣ୍ୟପୂର୍ଣ୍ଣ ଶକଟ ଉପହାର ଦେଇଥିଲେ । ଏକଥା ଇତିହାସରୁ ଜଣାଯାଏ ।

ବର୍ଦ୍ଧମାନ ମହାବୀରଙ୍କ ଆଦର୍ଶ ପ୍ରତି ମଧ୍ୟ କଳିଙ୍ଗବାସୀ ଆକୃଷ୍ଟ ହୋଇଥିଲେ । ତାଙ୍କର ଯେଉଁ ଜିନ୍ ମୂର୍ତ୍ତି କଳିଙ୍ଗ ଶିଳ୍ପୀ ନିର୍ମାଣ କରିଥିଲେ ତାହା ସମଗ୍ର ଭାରତରେ ପ୍ରସିଦ୍ଧିଲାଭ କରିଥିଲା । ସେହି ମୂର୍ତ୍ତିକୁ ଦର୍ଶନ କରିବା ନିମନ୍ତେ ଲୋକେ ଦୂରଦୂରାନ୍ତରୁ ଆସି କଳିଙ୍ଗରେ ଉପସ୍ଥିତ ହେଉଥିଲେ । ପର୍ବତ ଗାତ୍ରରେ ଗୁମ୍ଫା ଖନନ କାର୍ଯ୍ୟରେ ମଧ୍ୟ ଆମ ପୂର୍ବପୁରୁଷମାନଙ୍କର କମ୍ ସୁନାମ ନଥିଲା । ଖଣ୍ଡଗିରିର ରାଣୀଗୁମ୍ଫା ଏହାର ଏକ ନିଦର୍ଶନ ।

କଳିଙ୍ଗର ରାଜା ମହାମେଘବାହନ ଖାରବେଳଙ୍କ ସମୟରେ ଖଣ୍ଡଗିରିର ରାଣୀଗୁମ୍ଫା ଓ ହାତୀଗୁମ୍ଫା ନିର୍ମିତ ହେଲା । ଖାରବେଳ ନିଜ ବୀରତ୍ୱର କାହାଣୀ ହାତୀଗୁମ୍ଫାର ପ୍ରସ୍ତର କାନ୍ଥରେ ଲିପିବଦ୍ଧ କଲେ । ତାହା ଅଦ୍ୟାବଧି ବିଦ୍ୟମାନ । ସେତେବେଳେ ଗ୍ରୀସ ଦେଶର ଜଣେ ସେନାପତିଙ୍କ ଆକ୍ରମଣ ହେତୁ ରାଜାମାନେ ଭୟରେ କାତର ହେଉଥାନ୍ତି । ସେମାନଙ୍କର ଏ ଅବସ୍ଥା ଦେଖି ଖାରବେଳ ନିଜର ସୈନ୍ୟବାହିନୀ ଧରି ଆକ୍ରମଣକାରୀର ସମ୍ମୁଖୀନ ହେବାକୁ ଅଗ୍ରସର ହେଲେ । ପରାକ୍ରମୀ



Downloaded From www.icseboard.org

କଳିଙ୍ଗର ସୈନ୍ୟଙ୍କର ରଣକୌଶଳ ଶତ୍ରୁର ଦର୍ପକୁ ଚୂର୍ଣ୍ଣ କରିଦେଲା । ସମଗ୍ର ଭାରତରେ କଳିଙ୍ଗ ଭୂମିର ଜୟଜୟକାର ଶୁଭିଲା ।

ପରେ ଏହି କଳିଙ୍ଗ ଉତ୍କଳ ନାମରେ ପରିଚିତ ହେଲା । ବୀରଭୂମି ଏହି କଳିଙ୍ଗ ଉତ୍କୃଷ୍ଟ କଳାର ଦେଶଭାବେ ଉତ୍କଳ ବୋଲି ଖ୍ୟାତି ଲାଭକଲା । କଳା କୌଶଳ ସହ ବିକାଶଲାଭ କଲା ଉତ୍କଳର ନୌବାଣିଜ୍ୟ । ବିରାଟକାୟ ପଣ୍ୟବାହୀ ପୋତମାନ ନିର୍ମାଣ କରି ଉତ୍କଳୀୟମାନେ ମହାସାଗର ମଧ୍ୟରେ ଅଗ୍ରସର ହେଲେ ।

(i) କେଉଁ ଯୁଗରେ ଓଡ଼ିଶାରେ ଏକ ଉନ୍ନତ ସଂସ୍କୃତି ଗଢ଼ି ଉଠିଥିଲା ? ବୁଦ୍ଧଙ୍କ ବାଣୀରେ ମୁଗ୍ଧ ହୋଇ ବଣିକ ଜଣକ ତାଙ୍କୁ କ'ଣ ଉପହାର ଦେଇଥିଲେ ? [2]

(ii) ମହାଭାରତ ଯୁଗରେ ଓଡ଼ିଶା କେଉଁ ନାମରେ ଅଭିହିତ ହୋଇଥିଲା ? ଗୌତମ ବୁଦ୍ଧଙ୍କ ସମୟରେ କିଭଳି ଓଡ଼ିଶା ଖ୍ୟାତି ଅର୍ଜନ କରିଥିଲା ? [2]

(iii) ମହାମେଘବାହନ କାହାକୁ କୁହାଯାଉଥିଲା ? ତାଙ୍କର ବୀରତ୍ୱର କାହାଣୀ କେଉଁଥିରେ ଲିପିବଦ୍ଧ ହୋଇଥିଲା ? [2]

(iv) କେଉଁ ମୂର୍ତ୍ତିକୁ ଦର୍ଶନ କରିବା ନିମନ୍ତେ ଲୋକେ କେଉଁଠାକୁ ଆସୁଥିଲେ ? [2]

(v) ଉତ୍କଳ କାହାକୁ ବୁଝାଉଛି ? ଏହି ନାମର ଯଥାର୍ଥତା ପ୍ରତିପାଦନ କର । [2]

**Question 4**

Answer the following questions according to the instructions given below :— [8]

ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ବାଛି କରି ଲେଖ :—

(i) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ – "ଖ"

(a) ଅଭ୍ର, ଆତ୍ମଜା

(b) ବ୍ୟୋମ, ତ୍ରିସ୍ରୋତା

(c) ନଭ, ପାବନୀ

(d) ଆକାଶ, ଅମ୍ବର

(ii) ବିପରୀତାର୍ଥବୋଧକ ଶବ୍ଦ ଲେଖ । 'ସାର୍ବଜନୀନ'

(a) ବ୍ୟକ୍ତିଗତ

(b) ସମଷ୍ଟିଗତ

(c) ସମବେତ

(d) ସ୍ୱାଗତମ



Downloaded From www.icseboard.org

(iii) ଅର୍ଥ ବୁଝାଇ ଦିଅ – ' 'ଛ' କୁ 'ନ' ଲଗାଇ କହିବା'

(a) ଖଚମିଛ କରିବା ।

(b) କେବଳ ସତ କହିବା ।

(c) ମିଛ କମ୍ ସତ ଅଧିକ କହିବା ।

(d) କିଛି ନ କହି ଚୁପ୍ ରହିବା ।

(iv) ଏକପଦରେ ପ୍ରକାଶ କର – "ଜୀବନକୁ ବ୍ୟାପିଥିବ"

(a) ଜୀବନ ସାରା

(b) ଜୀବନ ବ୍ୟାପି

(c) ଆଜୀବନ

(d) ସାରା ଜୀବନ

(v) ଭ୍ରମ ସଂଶୋଧନ କର – "ବୃହତମା"

(a) ବୃହତ୍ତ

(b) ବୃହତମ

(c) ବୃହତ୍ତର

(d) ବୃହତର

(vi) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ – "ବଳି – ବଳୀ"

(a) ବଳବାନ୍ – ହତ୍ୟା

(b) ତ୍ୟାଗ – ବଳୁଆ

(c) ମୃତ୍ୟୁ – ହାଣି ଦେବା

(d) ବନ୍ଧା – ମୃତ୍ୟୁ

(vii) ନିମ୍ନରେ ଦିଆଯାଇଥିବା ଶବ୍ଦର ଦୁଇଟି ଭିନ୍ନ ଅର୍ଥ ଲେଖ – 'ଅର୍ଥ'

(a) ମୁଦ୍ରା – ଉଦ୍ଦେଶ୍ୟ

(b) ଧନ – ଯୁଗ

(c) ଉପାଧି – ଅତୀତ

(d) ଅଭିଳାଷ – ପଞ୍ଚଭୂତ

(viii) ଶୁଦ୍ଧ ବାକ୍ୟଟିକୁ ବାଛ –

(a) ଫୁଟିଲେ ଥରେ ଫୁଲ ତା'ର ବହଟେ ବାସ ।

(b) ବହଟେ ଫୁଲ ବାସ ଥରେ ଫୁଟିଲେ ତା'ର ।

(c) ଥରେ ଫୁଲ ଫୁଟିଲେ ତା'ର ବାସ ବହଟେ ।

(d) ଫୁଲ ଫୁଟିଲେ ଥରେ ବହଟେ ତା'ର ବାସ ।



Downloaded From www.icseboard.org

## SECTION—B (40 Marks)

*Questions from only **two** of the following textbooks are to be answered.*

*Attempt any **four** questions from this Section.*

*You must answer at least **one** question from each of the **two** books, you have studied and any **two** other questions from the same books that you have chosen.*

### ଜ୍ଞାନାଞ୍ଜଳି - କ୍ଷୁଦ୍ରଗଳ୍ପ ବିଭାଗ

### GYANANJALI - SHORT STORIES

**Question 5**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆ ରେ ଲେଖ :—

"ଧୂଳିଆବାବା ସବୁଦିନ ଚେଲାମାନଙ୍କ ଆଗରେ କହନ୍ତି, ଏହି ପୁରୀରେ ଯେ ଜଗନ୍ନାଥ ଦେଉଳ ଦେଖୁଛ, ତିଆରି ହେଲା ବାଦ ପ୍ରତିଷ୍ଠାକୁ ଅଯୋଧ୍ୟାରୁ ହଜାରେ ଆଠ ମୂରତି ସାଧୁମହନ୍ତ ଭୋଜି ଖାଇବାକୁ ଆସିଥିଲେ । ଏହି ସେମାନଙ୍କ ମଧ୍ୟରେ ଆସିଥିଲେ । ଚେଲାମାନଙ୍କ ଭକ୍ତି ଏଡ଼ି ନ ପାରି ରହିଯାଇଛନ୍ତି – ଆଉ ଏ ମିଛୁଆ ଦେଶଟା ଭଲ ଲାଗୁ ନାହିଁ ।"

ଧୂଳିଆବାବା – ଫକୀର ମୋହନ ସେନାପତି

**Dhuliababa - Fakir Mohan Senapati**

(i) ଧୂଳିଆବାବାଙ୍କ ବିଷୟରେ ସଂକ୍ଷେପରେ ଲେଖ । [2]

(ii) ସେ ଦେଶଁକୁ କିପରି ଆସିଲେ ? [2]

(iii) କେଉଁ ଘଟଣା ବାରମ୍ବାର ଘଟିଥାଏ ? ଫଳାଫଳ କ'ଣ ହୁଏ ? [3]

(iv) ବିଶେଷ ଆୟ କହିଲେ କ'ଣ ବୁଝ ? ମଠର ବିଶେଷ ଆୟ କିପରି ହେଉଥିଲା ? [3]

**Question 6**

Read the extract given below and answer in **Odia** the questions that follow:—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

"ସେଦିନ ଭୋରରୁ ସେ ଏକ ଅଦ୍ଭୁତ ଶିକାର ନେଇ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର । ଗୋଟିଏ କାନ୍ଧରେ ତା'ର ଧନୁଟି ଝୁଲୁଛି । ହାତରେ ଦି' ତିନିଟା ତୀର, ଆଉ କାନ୍ଧରେ ଟାଙ୍ଗିଆଟି ପଡ଼ିଛି । ଘିନୁଆକୁ ଏ ବେଶରେ ଦେଖି ଅର୍ଦ୍ଦଳି ପଚାରିଲା – "କିରେ, ଆଜି କି ଶିକାର ଆଣିଚୁ ?"

ଶିକାର – ଭଗବତୀ ଚରଣ ପାଣିଗ୍ରାହୀ

**Shikar - Bhagawati Charan Panigrahi**

(i) 'ଅଦ୍ଭୁତ ଶିକାର' କହିଲେ କାହାକୁ ବୁଝାଉଛି ? ତାକୁ ଏଭଳି କୁହାଯାଇଛି କାହିଁକି ? [2]

(ii) କିଏ ତାହାର ଶିକାରୀ ଥିଲା ? ସେ କାହାକୁ ଦେବା ପାଇଁ ଯାଇଥିଲା ? କାହିଁକି ? [2]

(iii) ଅର୍ଦ୍ଦଳି ତାକୁ କ'ଣ ପଚାରିଲା ? କାହିଁକି ? [3]

(iv) ଶିକାରୀକୁ କି ବକ୍‌ସିସ୍ ମିଳିଲା ? ଘିନୁଆ କେଉଁ ବକ୍‌ସିସ୍ ଚାହୁଁଥିଲା ? କାହିଁକି ? [3]



Downloaded From www.icseboard.org

**Question 7**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

ହଠାତ୍ ଏହି ପରି ସମୟରେ ଦେଖାଗଲା, ସେହି ବର ଓହଳ ତଳେ ଦୁଇଟା ମଣିଷଙ୍କ ଛାଇ । ମାଗୁଣି ଖାଁର ଦେହରୁ ଗୋଟାଏ ଘମାଘୋଟିଆ ଝାଳ ନିଗିଡ଼ି ଗଲା ।

**ଆଙ୍ଗୁଠି - ସଚ୍ଚିଦାନନ୍ଦ ରାଉତରାୟ**

**Aanguthi - Sachidananda Routray**

(i) ମାଁଗୁଣି ଖାଁ କିଏ ? ସେ ବର ଓହଳ ତଳେ କ'ଣ ଦେଖିଥିଲା ? [2]

(ii) ମଣିଷ ଛାଇ ଦୁଇଟି କାହାର ଥିଲା ? ସେମାନେ କେଉଁ ବିଷୟରେ କଥାବାର୍ତ୍ତା ହେଉଥିଲେ ? [2]

(iii) ମାଗୁଣି ଖାଁ ଏହି ପ୍ରକାର ମହାବିପଦରୁ ରକ୍ଷା ପାଇବାକୁ କ'ଣ କ'ଣ ମାନସିକ କରିଥିଲା ? [3]

(iv) ଛାଇ ଦୁଇଟିଙ୍କ କଥାବାର୍ତ୍ତା ଶୁଣି ମାଗୁଣି ଖାଁ କ'ଣ ଭାବୁଥିଲା ? ସେ ସେମିତି କାହିଁକି ଭାବୁଥିଲା ? [3]

## ଜ୍ଞାନାଞ୍ଜଳି - କବିତା ବିଭାଗ

## GYANANJALI — POEMS

**Question 8**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

"ବରଷା ବତାସି ଚିଲିକାରେ ଆଉ
ହୁଏ ନାହିଁ ତେଡ଼େ ଭଳି
ଆପଦେ ବିପଦେ ଜଣାପଡ଼ଇ ଲୋ
ସାହା କିଏ ଥିଲା ପରି ।"

**କାଳିଜାଇ - ଗୋଦାବରୀଶ ମିଶ୍ର**

**Kalijai - Godabarish Mishra**

(i) କେଉଁ ପାହାଡ଼ ଉପରେ କାହା ପାଇଁ ଲୋକେ ମନ୍ଦିରଟିଏ ଗଢ଼ିଲେ ? ଏହା କେଉଁ ରାଜ୍ୟର କେଉଁ ସ୍ଥାନରେ ଥିଲା ? [2]

(ii) କେଉଁମାନେ ସେହି ପାହାଡ଼ ବାଟେ ନାଆ ନେଇ ଯିବାବେଳେ କାହିଁକି ଶୁଭ ମନାସିଥାଆନ୍ତି ? [2]

(iii) କେଉଁ ସ୍ଥାନରୁ କେଉଁ ସ୍ଥାନକୁ ଯିବାବେଳେ ଲୋକେ ପାହାଡ଼ ପାଖରୁ ମଣିଷର ତୁଣ୍ଡ ଶୁଣିଥାଆନ୍ତି ? କେଉଁ ସମୟରେ ଜାଇ ପାହାଡ଼ ଉପରେ ଏକା ଏକା କିପରି ଅବସ୍ଥାରେ ବୁଲିଥାଏ ? [3]

(iv) କବିତାରେ କେତୋଟି ପାହାଡ଼ ବିଷୟରେ ଲେଖାଯାଇଛି ? ସେଗୁଡ଼ିକର ନାମ ଲେଖ । [3]



Downloaded From www.icseboard.org

**Question 9**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"ରାଜାଦେଶ ଆଜି ପୂର୍ଣ୍ଣ ହୋଇଛି
ଆଉ ନାହିଁ ମୋର ଶୋଚନା;
କାଞ୍ଚି ଢେମା ଏ ରୂପାମ୍ବିକାରେ
ଘେନା ହେଉ ଏ ମୋ ଯାତନା ।"

**ମଣିକାଞ୍ଚନ ଯୋଗ - ରାଧା ମୋହନ ଗଡ଼ନାୟକ**

**Mani Kanchan Joga - Radha Mohan Gadanaik**

(i) ଏଠାରେ କେଉଁ ରାଜାଙ୍କ କଥା କୁହାଯାଇଛି ? ସେ କାହାକୁ କି ଆଦେଶ ଦେଇଛନ୍ତି ? [2]

(ii) ସେ କାହିଁକି ଏପରି ଆଦେଶ ଦେଇଥିଲେ ? [2]

(iii) ମନ୍ତ୍ରୀ କିପରି ରାଜାଙ୍କର ଆଦେଶକୁ ପାଳନ କରିଥିଲେ ? [3]

(iv) ରାଜା କ'ଣ ଦେଖି ନିର୍ବାକ ହୋଇଗଲେ ? [3]

**Question 10**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆରେ** ଲେଖ :—

ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି
ନଣନ୍ଦିନୀ ତା'ର ଅଧିକ ଚତୁରୀ
ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛାଇଟି ଦେଖି ।

**ଗ୍ରାମପଥ – ବିନୋଦ ଚନ୍ଦ୍ର ନାୟକ**

**Gramapatha – Binod Chandra Nayak**

(i) ଉଦ୍ଧୃତାଂଶ ରେ କାହା କାହା କଥା ବର୍ଣ୍ଣନା ହେଉଛି ? [2]

(ii) ଗ୍ରାମର କଇଁ ପୋଖରୀ ତୁଠର ଦୃଶ୍ୟ ବର୍ଣ୍ଣନା କର । [2]

(iii) ନଣନ୍ଦିନୀ କୁ ଅଧିକ ଚତୁରୀ କହିବାର କାରଣ କ'ଣ ? [3]

(iv) ଗ୍ରାମବଧୂ କୁ କବି କ'ଣ ଡାକିବାକୁ ଚାହିଁଛନ୍ତି ? କାହିଁକି ? [3]



Downloaded From www.icseboard.org

## ଅଦୂର ସକାଳ - ଉପନ୍ୟାସ

## ADOORA SAKALA — NOVEL

### Question 11

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ :—

"ସେପ୍‌ଟେମ୍ବର ଆସିଲେ କଲେଜର ବାତାବରଣ ସରଗରମ ହୁଏ । ନେତା ହେବାର ସ୍ୱପ୍ନ ମାନେ ମୁଣ୍ଡ ଟେକି ଘୁରି ବୁଲନ୍ତି ଏଣେ ତେଣେ । ବାଟଘାଟ, ବଜାର ହାଟଠୁ କ୍ଲାସ୍ ରୁମ୍ ଯାଏ ସବୁଠି ଶୁଭେ ଫୁସୁର ଫାସର କଥା ? ବଣ୍ଟା ହୁଏ ପୁସିଂକାର୍ଡ ।"

(i) ଏଠାରେ କେଉଁ ମାସରେ କାହାର ବାତାବରଣ ସରଗରମ ହେବା କଥା କୁହାଯାଇଛି ? ଏଠାରେ କେଉଁ ନିର୍ବାଚନ ବିଷୟରେ କୁହାଯାଇଛି ? [2]

(ii) ନିର୍ବାଚନରେ ଜିତିବା ପାଇଁ ନେତାମାନେ କ'ଣ କ'ଣ କରିଥାନ୍ତି ? [2]

(iii) ଇଲେକ୍‌ସନ୍ ରେ ପ୍ରେସିଡେଣ୍ଟ ବା ସେକ୍ରେଟାରୀଟିଏ ହୋଇ ଜିତିବା ପରେ ତାଙ୍କର ଭିତିରି ଲକ୍ଷ୍ୟ କ'ଣ ଥାଏ ? [3]

(iv) ରିଡ଼ର୍ସ କ୍ଲବରେ କେଉଁ ସାର କପିଳାକୁ କ'ଣ କହି ଇଲେକସନ୍ ରେ ଲଢିବାକୁ ରାଜି କରାଇଥିଲେ ? [3]

### Question 12

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"ଶୁଭେଚ୍ଛା ଜାଣିବ । ଅନେକ ଦିନ ହେବ ତମ ସହ ସାକ୍ଷାତ ହେଇନାହିଁ । ତମଭଳି କର୍ମଠ ବନ୍ଧୁଙ୍କୁ ପାଖରେ ନ ପାଇ ବଡ଼ ବ୍ୟସ୍ତ ଲାଗୁଛି । ତମ ଭଳି ଜଣେ ବୁଦ୍ଧିମାନ ତଥା ବିବେକୀ ଯୁବକ ନିରବ ହୋଇ ବସିଥିବା ବଡ଼ ଦୁଃଖଦାୟକ ।"

(i) ଚିଠିଟି କିଏ ଲେଖିଛି ? କେଉଁମାନଙ୍କ ପାଖକୁ ? [2]

(ii) ସେମାନଙ୍କ ପାଖକୁ ଚିଠି ଲେଖିବାର କାରଣ କ'ଣ ? [2]

(iii) ଏହାକୁ ସମାଜସଂସ୍କାର କାର୍ଯ୍ୟ ବୋଲି କୁହାଯିବ କାହିଁକି ? [3]

(iv) କେତେଟଙ୍କା, କେତେ କାଗଜ ଓ କେତେ ଜଣ ବନ୍ଧୁଙ୍କୁ ଚିଠି ଲେଖାଗଲା ? ଚିଠି ଲେଖାଯିବାର ଉଦ୍ଦେଶ୍ୟ କିପରି ପୂରଣ ହେଲା ? [3]



Downloaded From www.icseboard.org

**Question 13**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆରେ** ଲେଖ :—

"ତା' ଆଖିରେ ପଡ଼ିଲା ଗୋଟେ ଭିକାରୁଣୀ ବୁଢ଼ୀ ବାଡ଼କୁ ଭରାଦେଇ ଛିଡ଼ା ହୋଇଛି ଓ ଡକେଇ ଚାହିଁଛି ଡାଇନିଂ ହଲ୍ ଆଡ଼କୁ ।"

(i) ଭିକାରୁଣୀକୁ ଦେଖି କପିଳା କ'ଣ ପଚାରିଲା ? ଭିକାରୁଣୀ ତା' ଡାହାଣ ହାତରେ କ'ଣ ଧରିଥିଲା ? [2]

(ii) କପିଳା ଭିକାରୁଣୀର କିପରି ସେଦିନ ଖାଦ୍ୟର ବ୍ୟବସ୍ଥା କରିଥିଲା ? କ'ଣସବୁ କହି ତାକୁ ଖାଦ୍ୟ ଖୁଆଇଥିଲା ? [2]

(iii) ମେସ୍‌ର ପିଲାମାନେ କପିଳାର କେଉଁ ମହାନ କାମ ଦେଖି ବିସ୍ମୟ ହୋଇଥିଲେ ? ମେସ୍‌ର ଯେଉଁ ପିଲାମାନେ ତା' ପାଇ ବ୍ୟସ୍ତ ହେଉଥିଲେ, ସେମାନଙ୍କର ନାମ ଲେଖ । [3]

(iv) ମେସ୍‌ର କେତେ ପିଲାଙ୍କ ପାଇଁ ପ୍ରତିଦିନ ମିଲ୍ ପ୍ରସ୍ତୁତ କରାଯାଉଥିଲା ? କପିଳା ଭିକାରୁଣୀ ପାଇଁ କେଉଁ ମହନୀୟ ସିଦ୍ଧାନ୍ତ ନେଇଥିଲା ? ମେସ୍ ପିଲାମାନେ କପିଳାର ଏହି ସିଦ୍ଧାନ୍ତ ଦେଖି କ'ଣ ସୁବ୍ୟବସ୍ଥା କରିଦେଲେ ? [3]

## ଏକାଙ୍କିକା ଚୟନ

## EKANKIKA CHAYAN

**Question 14**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆରେ** ଲେଖ :—

ଦିଅ, ମୋ ଜାତୀୟ ପତାକାଟିକୁ ମୋ ବାଁ ହାତରେ ଧରାଇ ଦିଅ । ମୋର ଅନ୍ତିମ ଶୟନ ତା'ରି କୋଳରେ ହେଉ । ମୋ ଜୀବନରେ ଏହା ଏକ ପରମ ସୌଭାଗ୍ୟର ବେଳ । ଏ ଶୁଭ ମୁହୂର୍ତ୍ତଟିକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ।

**ଏଇ ପତକା ତଳେ - କୁଳମଣି ମହାପାତ୍ର**

**Aei Pataka Tale - Kulamani Mohapatra**

(i) ଉଦ୍ଧୃତାଂଶଟି କିଏ କାହାକୁ କହିଥିଲେ ? [2]

(ii) କେଉଁ ଶୁଭ ଖବରକୁ କେଉଁଠି ପହଞ୍ଚାଇବା ପାଇଁ କେଉଁମାନେ ଆଗେଇ ଆସିଥିଲେ ? [2]

(iii) କ୍ୟାପ୍‌ଟେନ ବିଜୟଙ୍କୁ ଆହତ ଅବସ୍ଥାରେ ଅଧବାଟରେ ଛାଡ଼ି ସୈନ୍ୟ ଦୁଇଜଣ କାହିଁକି ଚାଲି ଯାଇଥିଲେ ? [3]

(iv) ଉକ୍ତ ଏକାଙ୍କିକାରେ ପୁରାଣର କେଉଁ ବିଷୟ ଉଲ୍ଲେଖ କରାଯାଇଅଛି ? [3]



Downloaded From www.icseboard.org

## Question 15

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ପ୍ରତିମା : ତା' ବାପା କାଲି ରାତି ଗାଡ଼ିରେ ଆସିଚି ।

ସତୀ : ଆସିଚି ? କାହିଁ ମତେ କିଛି କହିନ ତ ?

ପ୍ରତିମା : ତମକୁ ନିଦରୁ ଉଠେଇଲିନି ।

ସତୀ : ସେଇଆ କହୁନ, ତମର ଗାମ୍ଭୀର୍ଯ୍ୟର କାରଣଟା ଯାଇ ଏଇଠି ?

**ପେଟୁ - ପ୍ରାଣବନ୍ଧୁ କର**

**Petu -Pranabandhu Kar**

(i) କାହାର ବାପା ଗତକାଲି ରାତିରେ ଆସି ପହଞ୍ଚିଥିଲେ ? ତାଙ୍କର ଆସିବାର କାରଣ କ'ଣ ଥିଲା ? [2]

(ii) ବାପାଙ୍କ ପାଖକୁ କିଏ ଚିଠି ଲେଖି ଡକାଇବାର କାରଣସବୁ କ'ଣ ଥିଲା ? [2]

(iii) ପ୍ରତିମାଙ୍କ 'ଗାମ୍ଭୀର୍ଯ୍ୟ'ର କାରଣ କ'ଣ ଥିଲା ? ସକାଳୁ ଉଠି ସେ କେଉଁ କାମ କରିବାରେ ଲାଗିଯାଇଥିଲେ ଓ କାହିଁକି ? [3]

(iv) 'ପେଟୁ' ବୋଲି କାହାକୁ କେଉଁମାନେ ସବୁ କାହିଁକି କହୁଥିଲେ ? ସେ ସତୀକାନ୍ତ ଙ୍କ ପରିବାରରେ କ'ଣ କରୁଥିଲା ? [3]

## Question 16

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

କରୁଣାକର : ତୁମେ ଯାଆ ପରିଚାରିକା....ମହାଦେଇଙ୍କର ପାଖେପାଖେ ରୁହ । ଉନ୍ମାଦିନୀ ପରି ସେ....ଏ ପରିସ୍ଥିତିରେ ହିତାହିତ ଜ୍ଞାନ ହରାଇ ଯେକୌଣସି ଘଟଣା ଘଟାଇବା ଅସମ୍ଭବ ନୁହେଁ ।

(ପରିଚାରିକା ଭିତରକୁ ଚାଲିଗଲା, ଭିତରୁ ପଶିଆସିଲେ ଦୟାନିଧି ।)

**ରାଣୀ ଶୁକଦେଈ - ମନୋରଞ୍ଜନ ଦାସ**

**Rani Shukadei - Manoranjan Das**



Downloaded From www.icseboard.org

(i) କରୁଣାକର କିଏ ? କେଉଁ ରାଜାଙ୍କ ଅଧୀନରେ ସେ କାର୍ଯ୍ୟ କରୁଥିଲେ ? [2]

(ii) କେଉଁ ଖବର କରୁଣାକରଙ୍କ ପାଖରୁ ପାଇ ମହାଦେଇ ମର୍ମାହତ ହୋଇଥିଲେ ? କେଉଁ ଦେବୀଙ୍କର ଶୁକଦେଇ ପୂଜାଅର୍ଚ୍ଚନା କରୁଥିଲେ ? ଏହି ପୂଜା ସେ କେବେଠାରୁ ଆରମ୍ଭ କରିଥିଲେ ? [2]

(iii) କରୁଣାକର ମହାଦେଇଙ୍କୁ ରାଜ୍ୟର କେଉଁ ବିପଦ ସମୟରେ କ'ଣ କରିବାକୁ ପରାମର୍ଶ ଦେଇଥିଲେ ? [3]

(iv) ଶୁକଦେଇ କରୁଣାକରଙ୍କୁ ଗ୍ରାମ ଓ ନଗରମାନଙ୍କରେ କ'ଣ ଘୋଷଣା କରିବାକୁ ଆଦେଶ ଦେଲେ ? ଶୁକଦେଇ ରଣଭୂମିରେ କେଉଁ ବେଶ ଧାରଣ କରି ଅବତୀର୍ଣ୍ଣ କରିବେ ବୋଲି କରୁଣାକରଙ୍କୁ କହିଥିଲେ ? [3]

Downloaded From www.icseboard.org